# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 21 March – 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ କ୍ୟାବିନେଟ୍‌ର ୧୬ତମ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ
- ଜଳସମ୍ପଦ ବିଭାଗର ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ଊର୍ଦ୍ଧ୍ୱ ଟଙ୍କାର ଖର୍ଚ୍ଚ ଦାବି ପ୍ରସ୍ତାବ ଉପରେ ବିଧାନସଭାରେ ଆଲୋଚନା ଜାରି
- ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହରିଶ୍ ଟଣ୍ଡନଙ୍କୁ ନିଯୁକ୍ତି ଦେଲେ ରାଷ୍ଟ୍ରପତି

ଏବଂ

- 'ଜଙ୍ଗଲ ଏବଂ ଖାଦ୍ୟ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଜଙ୍ଗଲ ଦିବସ

# କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍‌ର ୧୬ତମ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଇସ୍ପାତ୍ ଓ ଖଣି, ସାଧାରଣ ପ୍ରଶାସନ, ଜଳସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରସ୍ତାବକୁ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ରାଜ୍ୟର ଜନସାଧାରଣଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବା ପାଇଁ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏ ବାବଦକୁ ଆଗାମୀ ୫ ବର୍ଷରେ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଆୟୁଷ୍ମାନ ଭାରତ ଯୋଜନାକୁ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଥିବାବେଳେ ଏଥିରେ ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହେବେ। ଏହି ଯୋଜନାରେ ପରିବାର ପିଚ୍ଛା ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କୁ ଅତିରିକ୍ତ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ସହଯୋଗ ପାଇଁ ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ନିୟମ ୨୦୧୫ରେ ସଂଶୋଧନ କରାଯାଇଛି।

ଏହାଦ୍ୱାରା ଖଣି ଅଞ୍ଚଳରେ ପ୍ରଭାବିତ ପରିବାରବର୍ଗ ବହୁ ମାତ୍ରାରେ ଉପକୃତ ହେବା ସହ ଖଣି ଖାଦାନ ସୀମାଠାରୁ ୫ କିଲୋମିଟର ଅଞ୍ଚଳ

ମଧ୍ୟରେ ଡିଏମ୍ଏଫ୍ ପାଣ୍ଠି ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା ନିୟମ) ୧୯୯୦ ଲାଗୁ ହୋଇଛି। ୨୦୨୦ ମସିହା ନିୟମ ଲାଗୁ ହେବା ପୂର୍ବରୁ ଯେଉଁ ସରକାରୀ କର୍ମଚାରୀଙ୍କ ଚାକିରି ଅବଧି ମଧ୍ୟରେ ମୃତ୍ୟୁ ହୋଇଛି' ସେମାନଙ୍କ ପରିବାରକୁ ଥଇଥାନ ସହାୟତା ଯୋଜନା ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ।

ଅନ୍ୟପକ୍ଷରେ, ରାଜ୍ୟ ସଡକ ନୀତି ୨୦୨୫, ଓଡ଼ିଶା ରାଜସ୍ୱ ସେବା, ଓଡ଼ିଶା ପ୍ରଶାସନିକ ସେବା ଗ୍ରୁପ୍-ଏ ନିୟମାବଳୀ ୨୦୧୪ର ପରିଶିଷ୍ଟ-୨, ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍-ବି ନିୟମାବଳୀ ବିଭାଗୀୟ ପରୀକ୍ଷାର ପାଠ୍ୟକ୍ରମରେ ଆବଶ୍ୟକୀୟ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି।

## ବିଧାନସଭା

ବିଧାନସଭାର ବଜେଟ୍ ଅଧିବେସନର ଦଶମ ଦିନରେ ଦ୍ୱିତୀୟାର୍ଦ୍ଧରେ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ଜାରି ରହିଛି। ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭାଗୀୟ ଖର୍ଚ୍ଚଦାବି ଆଗତ କରିଛନ୍ତି। ଖର୍ଚ୍ଚଦାବୀ ଆଲୋଚନାରେ ସରକାରୀ ଏବଂ ବି.ଜେ.ଡି. ସଦସ୍ୟମାନେ ଭାଗନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିବା ଜଣାପଡ଼ିଛି। ଜଳସମ୍ପଦ ବିଭାଗ ପାଇଁ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପରେ ଆଲୋଚନା ଜାରି ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

ଅଧିବେଶନର ପ୍ରଥମାର୍ଦ୍ଧରେ ବିରୋଧୀ କଂଗ୍ରେସ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିବା ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ। ନାରୀ ସୁରକ୍ଷା ଓ ଆଇନଶୃଙ୍ଖଳା ପ୍ରସଙ୍ଗରେ ଗୃହ କମିଟି ଗଠନ ପାଇଁ କଂଗ୍ରେସ ବିଧାୟକମାନେ ଗୃହରେ ଦାବି କରି ହୋ-ହଲ୍ଲା କରିବା ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହରେ ଅଧ୍ୟକ୍ଷତା କରି ବିଧାନସଭାକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲି ପାରୁ ନଥିବାରୁ ବାଚସ୍ପତି ଏକ ସର୍ବଦଳୀୟ ବୈଠକ ଡାକିଥିଲେ।

## ବିଧାନସଭା-ବାଲିଯାତ୍ରା ଐତିହ୍ୟ

କଟକ ବାଲିଯାତ୍ରାକୁ ଐତିହ୍ୟ ମାନ୍ୟତା ଦେବାକୁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ନେଇ ଆଜି ବିଧାନସଭାରେ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ବାଲିଯାତ୍ରା ସମ୍ବନ୍ଧରେ ଯଥେଷ୍ଟ ଜ୍ଞାନ ଥିବା ବିଶେଷଜ୍ଞଙ୍କୁ ନେଇ ଏକ କମିଟି ଗଠନ ପାଇଁ ପଦକ୍ଷେପ ନିଆଯିବ। ୟୁନେସ୍କୋ ପ୍ରକ୍ରିୟା ଅନୁଯାୟୀ, ନୌବାଣିଜ୍ୟ ଇତିହାସ ଓ ବାଲିଯାତ୍ରା ଉପରେ ସରକାର ପ୍ରାମାଣିକ ତଥ୍ୟ ସଂଗ୍ରହ କରୁଛନ୍ତି। କେନ୍ଦ୍ର ସାହିତ୍ୟ ନାଟକ ଏକାଡେମୀର ଅନୁମୋଦିତ ପ୍ରଣାଳୀରେ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରି ୟୁନେସ୍କୋରେ ଉପସ୍ଥାପନ ପାଇଁ ସରକାର ପଦକ୍ଷେପ ନେଉଥିବା ମନ୍ତ୍ରୀ ଶ୍ରୀ ସୂରଜ ଗୃହରେ ସୂଚନା ଦେଇଛନ୍ତି।

## ବିଧାନସଭା-ଭତ୍ତା

ରାଜ୍ୟରେ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ଅଧୀନରେ ୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଭତ୍ତା ପାଇବାରୁ ବଂଚିତ ଥିବା ବିଧାନସଭାରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବର୍ତ୍ତମାନ ୬ ଲକ୍ଷ ୪୬ ହଜାର ୮୮ ଜଣ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଭିନ୍ନକ୍ଷମ ଭତ୍ତା ପାଇଁ ୪୦ ହଜାର ୯୨୭ ଜଣ, ବିଧବା ଭତ୍ତା ପାଇଁ ୬୧ ହଜାର ୫୭୯, ବାର୍ଦ୍ଧକ୍ୟ ପେନ୍‌ସନ ପାଇଁ ୪ ଲକ୍ଷ ୬୪ ହଜାର ୮୪୯ ଜଣ ଏବଂ କୁଷ୍ଠରୋଗୀ ଭତ୍ତା ପାଇଁ ୨୬୯ ଜଣ ଆବେଦନ କରିଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ଗୃହରେ ସୂଚନା ଦେଇଛନ୍ତି।

## ଜଷ୍ଟିସ୍ ନିଯୁକ୍ତି

ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ଦେଇଛନ୍ତି। ଜଷ୍ଟିସ୍ ହରିଶ୍ ଟଣ୍ଡନ୍‌ଙ୍କ ନିଯୁକ୍ତି ନେଇ ଆଇନ୍ ମନ୍ତ୍ରଣାଳୟ ପକ୍ଷରୁ  ବିଜ୍ଞପ୍ତି ପ୍ରକାଶ ପାଇଛି। ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ବର୍ତ୍ତମାନ କଲିକତା ହାଇକୋର୍ଟର ବିଚାରପତି ଅଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନାଙ୍କର ଆହ୍ଲାବାଦ ହାଇକୋର୍ଟକୁ ବଦଳି ହୋଇଥିଲା।

## ରାଜ୍ୟପାଳ

ଗତିଶୀଳ ବିବିଧତା ଭାରତର ସମୃଦ୍ଧ ଭାଷା ପରମ୍ପରାର ସୌନ୍ଦର୍ଯ୍ୟ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ତି। ଭୁବନେଶ୍ୱରଠାରେ ଆୟୋଜିତ ୧୧ତମ କଳିଙ୍ଗ ସାହିତ୍ୟ ମହୋତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି, ଭାଷା ଯୋଗାଯୋଗର ଏକ ମାଧ୍ୟମ ସହ ଜନସାଧାରଣ ଓ ସଂସ୍କୃତିକୁ ସଂଯୋଗ କରିବାର ଏକ ସେତୁ ଭାବରେ କାର୍ଯ୍ୟ କରେ।

ସାହିତ୍ୟ କେବଳ ଏକ କଳାତ୍ମକ ସାଧନା ନୁହେଁ, ବରଂ ଏହା ସମାଜକୁ ଆକାର ଦେବାରେ, ଚିନ୍ତାଧାରାକୁ ପ୍ରଭାବିତ କରିବାରେ ଏବଂ ପରିବର୍ତ୍ତନ ପାଇଁ ପ୍ରେରଣା ଯୋଗାଇବାରେ ଶକ୍ତି ଦିଏ ବୋଲି ରାଜ୍ୟପାଳ କହିଛନ୍ତି। କଳିଙ୍ଗ ସାହିତ୍ୟ ମହୋତ୍ସବ ବିଶ୍ୱସ୍ତରରେ ଭାରତର ସମୃଦ୍ଧ ସାହିତ୍ୟିକ ଓ କଳାତ୍ମକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ ରାଷ୍ଟ୍ରଦୂତ ଭୂମିକା ନିର୍ବାହ କରୁଥିବା ଶ୍ରୀ କମ୍ଭମ୍‌ପାଟି ମତ ବ୍ୟକ୍ତ କରିଛନ୍ତି। ସମାରୋହରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏବଂ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ଇନା.ଏଚ୍.କ୍ରିଷ୍ଣାମୂର୍ତ୍ତି ଉପସ୍ଥିତ ଥିଲେ।

## ବିଶ୍ୱ ଜଙ୍ଗଲ ଦିବସ

ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଏବଂ ପୁନରୁଦ୍ଧାରକୁ ନେଇ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ଜଙ୍ଗଲ ଦିବସ ଭାବେ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ଜଙ୍ଗଲ ଏବଂ ଖାଦ୍ୟ' । ଜଙ୍ଗଲ ବିନା ଜୀବନ ଅସମ୍ଭବ । ହେଲେ ବିଗତ କିଛିବର୍ଷ ହେଲା ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡି ଭଳି ଅନେକ ସମସ୍ୟା ଦେଖାଦେଉଛି । ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଏବଂ ବନ୍ୟପ୍ରାଣୀ ଧ୍ୱଂସ ପାଉଛନ୍ତି, ଯାହାର ପ୍ରଭାବ ଜୈବ ବିବିଧତା ଉପରେ ଦେଖାଦେଉଛି । ପରିବେଶ ସନ୍ତୁଳନ ରକ୍ଷା କରିବା, ଜଳବାୟୁ ପରିବର୍ତ୍ତନକୁ ରୋକିବା ସହ ଜୀବନକୁ ସୁନ୍ଦର ଆଉ ସବୁଜିମାରେ ଭରିବା ପାଇଁ ନୂତନ ଜଙ୍ଗଲ ସୃଷ୍ଟି ଏବଂ ଚାରାରୋପଣ ଏକମାତ୍ର ବିକଳ୍ପ ବୋଲି ସମସ୍ତେ ଆଜିର ଦିନରେ ଶପଥ ନେବା ବାଞ୍ଛନୀୟ ।     ୨୦୧୨

ମସିହା ନଭେମ୍ବର ୨୮ ତାରିଖରେ ଜାତିସଂଘ ଅନ୍ତର୍ଜାତୀୟ ଜଙ୍ଗଲଦିବସ ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିଲା ।

ବିଶ୍ୱ ବନ ଦିବସ ଅବସରରେ ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

**ମାଲକାନଗିରି** ଜିଲ୍ଲା ସତୀଗୁଡ଼ା ପର୍ଯ୍ୟଟନସ୍ଥଳିଠାରେ ଜିଲ୍ଲା ବନଖଣ୍ଡ ବିଭାଗ ପକ୍ଷରୁ ବିଶ୍ୱ ବନଦିବସ ପାଳିତ ହୋଇଯାଇଛି । ଜିଲ୍ଲା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମରେ ଯୋଗଦେଇ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ଜଙ୍ଗଲ ଅବକ୍ଷୟର କାରଣ ବୋଲି କହିଛନ୍ତି ।

**ବଲାଙ୍ଗିର** ଜିଲ୍ଲା ବନଖଣ୍ଡ ସମ୍ମିଳନୀ କକ୍ଷଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍ୱାର ଏବଂ ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

**ବରଗଡ଼**ରେ ଜିଲ୍ଲାସ୍ତରୀୟ ବନ ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ ହଲ୍‌ଠାରେ ଜିଲ୍ଲା ବନଖଣ୍ଡ ବିଭାଗ ଦ୍ୱାରା ପାଳନ କରାଯାଇଛି ।

ସେହିପରି **ରାୟଗଡ଼ା, ସୁବର୍ଣ୍ଣପୁର** ଜିଲ୍ଲାରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମମାନ ପାଳିତ ହୋଇଛି ।

## ପ୍ରସ୍ତୁତି ବୈଠକ

**ନୟାଗଡ଼** ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦ୍‌ଭାବନ ସଭାଗୃହରେ ଓଡ଼ିଶା ଦିବସ ଏବଂ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ

ଜିଲ୍ଲାପରିଷଦ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବିଶିଷ୍ଟ ପଦାଧିକାରୀ ଯୋଗଦେଇଥିଲେ। ଆସନ୍ତାମାସ ପ୍ରଥମ ସପ୍ତାହରେ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

## ଜନଜାତି ଜୀବିକା ମିଶନ

**ଗଜପତି** ଜିଲ୍ଲା ମୋହନା ବ୍ଲକ୍ ଅନ୍ତର୍ଗତ ଲଡମା ଗ୍ରାମରେ ଚାଷୀମାନଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆଇ.ଟି.ଡି.ଏ' ପ୍ରକଳ୍ପ ଅଧିକାରୀ ଅଂଶୁମାନ ମହାପାତ୍ର, ବିଡିଓ ରାଜୀବ ଦାସ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଆନୁକୂଲ୍ୟରେ ୨୫ଟି କୃଷିକ୍ଷେତ୍ର ପାଇଁ ୫୫ ଜଣ ଚାଷୀଙ୍କୁ ମୋଟର ପମ୍ପ ପାଇଁ ସହାୟତା ରାଶି ବଣ୍ଟନ କରାଯାଇଥିଲା।

## ମାଓବାଦୀ ଅପରେସନ୍

**ନୂଆପଡା** ଜିଲ୍ଲା ବୋଡେନ୍ ପୁଲିସ୍ ଥାନା ଅନ୍ତର୍ଗତ ପାଟଧରା ଜଙ୍ଗଲରେ ମାଓ ଉପସ୍ଥିତି ସୂଚନା ପାଇ ବିଭାଗ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି। ସି.ଆର.ପି.ଏଫ୍, ଏବଂ ଡି.ଭି.ଏଫ୍.ଙ୍କ ଯୁଗ୍ମ ସର୍ଚ୍ଚ ଅପରେସନ୍‌ରେ ବିପୁଳ ମାଓ ସାମଗ୍ରୀ ଜବତ କରାଯାଇଛି ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପାଟଧରା ନିକଟସ୍ଥ ଛତାପାନୀ ଗ୍ରାମ ଜଙ୍ଗଲରେ ମାଓବାଦୀଙ୍କ ସୂଚନା ପାଇ ଏହି ସର୍ଚ୍ଚ ଅପରେସନ୍ କରାଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ଗଜପତି** ଜିଲ୍ଲାପାଳ ବିଜୟ କୁମାର ଦାସ ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ଖଜୁରୀପଦାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି।

*******************************